# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 March - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି ରଙ୍ଗ ଓ ଅବିରର ପର୍ବ ହୋଲି

– ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

- ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ଅଂଶଧନ କିଣିବା ନେଇ ଆଦାନୀ ପୋର୍ଟସର ସୂଚନା

- ଆସନ୍ତାକାଲି ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ପୁରୀରେ ଶ୍ରୀବିଗ୍ରହମାନଙ୍କ ଅନୁଷ୍ଠିତ ହେବ ବନକଲାଗି ନୀତି

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା

## ହୋଲି ଉତ୍ସବ

ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ରଙ୍ଗ ଓ ଅବିରର ପର୍ବ ହୋଲି ପାଳନ କରାଯାଉଛି। ରାଜଧାନୀ ଭୁବନେଶ୍ୱର ଓ  କଟକର ବିଭିନ୍ନ ସାହିବସ୍ତି ପକ୍ଷରୁ ହୋଲି ପାଳନ ସହିତ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କଟକର ବିଭିନ୍ନ ପୂଜା କମିଟି ପକ୍ଷରୁ ଜଳଛତ୍ରର ଆୟୋଜନ କରାଯାଇଥିଲା।

ରାଜ୍ୟବାସୀଙ୍କୁ ହୋଲି ପର୍ବର ଅଭିନନ୍ଦନ ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆରେ ଏକ ବାର୍ତ୍ତାରେ ସେ ଆନନ୍ଦ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି, ରଙ୍ଗ ଓ ଭାଇଚାରାର ପର୍ବ ପବିତ୍ର ହୋଲି ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ରାଧାଗୋବିନ୍ଦଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତିରେ ଭରିଯାଉ।

ଆଜି ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ଦଳ ଦଳ ଲୋକେ ରଙ୍ଗ ବୋଳାବୋଳି ହୋଇ ହୋଲିର ଶୁଭେଚ୍ଛା ଓ ଅଭିନନ୍ଦନ ଦିଆନିଆ କରିଛନ୍ତି । ଜିଲ୍ଲାର ବିଭିନ୍ନ ଦୋଳ ମେଳଣ ପଡ଼ିଆରେ ହରିହର ଭେଟ ସହ

ସୁସଜ୍ଜିତ ବିମାନରେ ବିଜେ କରିଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଲୋକେ ଦର୍ଶନ କରିଛନ୍ତି । ଦେଢ଼ ଶହ ବର୍ଷର ସମୁଜ୍ଜଳ ପରମ୍ପରାକୁ ନେଇ ବୀରମହାରାଜପୁରଠାରେ ୧୬ଟି ଗାଁରୁ ଆସିଥିବା ହରି ଓ ହରଙ୍କ ଦୁର୍ଲ୍ଲଭ ଭେଟକୁ ହଜାର ହଜାର ଲୋକ ଦେଖିଛନ୍ତି ।

ଗଜପତି ଜିଲ୍ଲାରେ ଓଡ଼ିଶା ଆନ୍ଧ୍ର ସୀମାନ୍ତ ତଥା ଉପାନ୍ତ ସହର ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳରେ ପବିତ୍ର ହୋଲିପର୍ବ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି ।  ସହରରେ ବସବାସ କରି ଆସୁଥିବା ହିନ୍ଦୁ, ଖ୍ରୀଷ୍ଟିଆନ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ଅତ୍ୟନ୍ତ ଭାଇଚାରା ମନୋଭାବ ନେଇ ଏହି ପବିତ୍ର ହୋଲିପର୍ବ ପାଳିତ ହୋଇଛି ।

ଅନ୍ୟପକ୍ଷରେ ଆଜି ଚୈତ୍ରମାସର ପ୍ରଥମ ମଙ୍ଗଳବାର । କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପାଖରେ ଜମିଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଆଜି ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଛନ୍ତି ମାଆ । ପରମ୍ପରା ଅନୁଯାୟୀ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରେ ବେଶ ଧୁମ୍ ଧାମରେ ଚାଲିଛି ଝାମୁଯାତ୍ରା ତଥା ନେତ୍ର ଉତ୍ସବ । ଆଜିର ଦିନରେ ମା'ଙ୍କ ମନ୍ଦିରରେ ନୂତନ ନେତ ବନ୍ଧା ହେବାର ବିଧି ରହିଛି । ପାହାନ୍ତା ପ୍ରହରରୁ ମନ୍ଦିର ପହଡ଼ ଫିଟା ନୀତି ଆରମ୍ଭ ହୋଇ ମଙ୍ଗଳ ଆଳତି, ସ୍ନାନ ଓ ମଜଣା କରାଯାଇ ମା'ଙ୍କୁ ବେଶ କରାଯାଇଛି ।

*Desk*

## ହୋଲି ଦୁର୍ଘଟଣା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ହୋଲି ଖେଳୁଥିବାବେଳେ ଅଘଟଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି । ଗାଧୋଇଲାବେଳେ ସାଲେପୁରର କରମୁଆଁ ଗାଁରେ ପୋଖରୀରେ ବୁଡ଼ି ଜେଣ ଯୁବକଙ୍କର ମୃତ୍ୟୁ ଘଟିଛି । ସେହିଭଳି ପାରାଦ୍ୱୀପର କତକୁଲା ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ଘଟିଛି ।

*Desk*

## ଗୋପାଳପୁର ବନ୍ଦର- ଆଦାନୀ

ଦେଶର ସର୍ବବୃହତ ଘରୋଇ ବନ୍ଦର ଅପରେଟର ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ୍ ଓଡ଼ିଶାର ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ଅଂଶଧନକୁ ୧ ହଜାର ୩୪୯ କୋଟି ଟଙ୍କାରେ କିଣିବ ବୋଲି ଆଜି ଏକ ପ୍ରେସ ଇସ୍ତାହାରରେ ଜଣାଇଛି ।

ଆଦାନୀ ପୋର୍ଟସ ଗୋପାଳପୁର ବନ୍ଦରର ୫୬ ପ୍ରତିଶତ ଅଂଶଧନ ରିଅଲ ଇଷ୍ଟେଟ୍ କମ୍ପାନି ଶାପୁରଜୀ ପାଲୋନଜୀ ଗ୍ରୁପ୍‌ରୁ ଏବଂ ଓଡ଼ିଶା ଷ୍ଟିଭଡୋରରୁ ୩୯ ପ୍ରତିଶତ ଅଂଶଧନ କିଣିବ । ଏହି ଚୁକ୍ତିର ଔଦ୍ୟୋଗିକ ମୂଲ୍ୟ ୩ ହଜାର ୮୦ କୋଟି ଟଙ୍କା ରହିଛି । ଗୋପାଳପୁର ବନ୍ଦରରେ ଲୁହାପଥର, କୋଇଲା, ଚୂନପଥର, ଇଲମେନାଇଟ ଓ ଆଲୁମିନା ସମେତ ଶୁଖିଲା ବଲ୍କ କାର୍ଗୋର ପରିବହନ ହୋଇଥାଏ ।

ସୂଚନାଯୋଗ୍ୟ, ଭାରତର ପୂର୍ବ ଉପକୂଳ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଗୋପାଳପୁର ବନ୍ଦରରେ ୨୦ ଏମ୍.ଏମ୍.ଟି.ପି.ଏ. ପରିଚାଳନା କ୍ଷମତା ରହିଛି। ଓଡ଼ିଶା ସରକାର ୨୦୦୬ ମସିହାରେ ଗୋପାଳପୁର ପୋର୍ଟ ଲିମିଟେଡ୍‌କୁ ୩୦ ବର୍ଷ ପାଇଁ ରିହାତି ପ୍ରଦାନ କରିବା ସହ ୧୦ ବର୍ଷ ଲେଖାଏଁ ୨ଟି ଅବଧି ବୃଦ୍ଧିର ବ୍ୟବସ୍ଥା କରିଥିଲେ।

***HS***

## କେନ୍ଦ୍ରମନ୍ତ୍ରୀଙ୍କ ହୀରାକୁଦ ଗସ୍ତ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦର ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଅଞ୍ଚଳ ଗସ୍ତ କରି ରୋଗୀଙ୍କ ସହ ଆଲୋଚନା କରିଛନ୍ତି । ପରେ ହୀରକୁଦ ଓ ବୁର୍ଲା ହସ୍ପିଟାଲ ଯାଇ ସେଠାରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ହୀରାକୁଦ ଡ୍ୟାମ ତଳେ ରହି ହୀରାକୁଦବାସୀ ସ୍ୱଚ୍ଛ ପାଣି ପିଇବାରୁ ବଂଚିତ ହୋଇଥିବା ମନ୍ତ୍ରୀ ଅଭିଯୋଗ କରିଛନ୍ତି। ବହୁ ବର୍ଷ ଧରି ଯେଉଁମାନେ ବ୍ୟବସ୍ଥାରେ ରହିଲେ ସେମାନେ ଅଞ୍ଚଳବାସୀଙ୍କ ପାଇଁ କ'ଣ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ, ଆଜି ଆଉ ଜଣେ ନୂଆଁ ଆକ୍ରାନ୍ତ ଚିହ୍ନଟ ହେବାପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୩ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡିଛି ।

*Desk*

# ସି-ଭିଜିଲ୍ ଆପ୍

ସି-ଭିଜିଲ୍ ଆପ୍ ଜରିଆରେ ନିର୍ବାଚନ ପ୍ରକ୍ରିୟା ଉପରେ ନିର୍ବାଚନ ଆୟୋଗ ତୀକ୍ଷ୍ଣ ନଜର ରଖିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ରେକର୍ଡିଂ, ରିପୋର୍ଟିଂ ଏବଂ ସମାଧାନ ପାଇଁ ଏହି ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ଜରିଆରେ ଫଟୋ, ଭିଡିଓ ଇତ୍ୟାଦି ଉଠାଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅନଲାଇନ୍ ଅଭିଯୋଗ କରାଯାଇପାରିବ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂପର୍କରେ ଜଣାଇବା ପାଇଁ ନିର୍ବାଚନ କମିଶନଙ୍କ ସି-ଭିଜିଲ୍ ଆପ୍ ଲୋକଙ୍କ ପାଇଁ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି। ନାଗରିକମାନେ ଏହି ଆପ୍ ମାଧ୍ୟମରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ବ୍ୟୟ ଉଲ୍ଲଂଘନ ବିଷୟରେ ରିପୋର୍ଟ କରିପାରିବେ । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ସି-ଭିଜିଲ୍ ଆପ୍ ନାଗରିକମାନଙ୍କୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ କ୍ଷମତା ପ୍ରଦାନ କରିଛି ଏବଂ ଏକ ଶହ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛି।

*Nabarangpur*

# ନିର୍ବାଚନ ପାଇଁ ବୈଠକ

ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ନବରଙ୍ଗପୁର ଜିଲ୍ଲା ସଂଲଗ୍ନ ଛତିଶଗଡର କୋଣ୍ଡାଗାଁ ଜିଲା ପୋଲିସ ଓ ନବରଙ୍ଗପୁର ଜିଲା ପୋଲିସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଛତିଶଗଡର ଅନନ୍ତପୁର

ଥାନାଠାରେ ଅନୁଷ୍ଠିତ ହୋଇଛି । ଶାନ୍ତିପୂର୍ଣ୍ଣ ଭାବେ ନିବାଚନ ପରିଚାଳନା କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହ ଛତିଶଗଡ଼ ଓ ଓଡିଶା ସୀମାରେ ୨୪ ଘଣ୍ଟିଆ ଯାନବାହନ ଚେକିଂ, ସୀମାରେ ଥିବା ଓଡିଶା ଓ ଛତିଶଗଡ଼ ଥାନା ପକ୍ଷରୁ ମିଳିତ ଭାବେ କୋମ୍ବି ଅପରେଶନ, ନିର୍ବାଚନ ସମୟରେ ଟଙ୍କା କାରବାର ରୋକିବା ପାଇଁ ସମସ୍ତ ଯାନବାହନକୁ ଯାଞ୍ଚ କରିବା, ମଦ ଓ ଅସ୍ତ୍ରଶସ୍ତ୍ର ଚାଲାଣ ରୋକିବା ପାଇଁ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା ସହିତ ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ନିଷ୍ପତ୍ତି ହୋଇଛି ।

***Kendrapara***

## କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ

ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଆସନ୍ତା ଲୋକସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରାପଡ଼ାରେ ମତଦାନ ଜୁନ୍ ୧ ତାରିଖ ଶେଷ ପର୍ଯ୍ୟାୟରେ ହେବ । କେନ୍ଦ୍ରାପଡ଼ା ଜିଲ୍ଲାରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଆମ ସମ୍ବାଦଦାତା ନିହାର ରଞ୍ଜନ ସାହୁଙ୍କ ଏକ ରିପୋର୍ଟ....

**- V/O –**

*HS*

# ବନକଲାଗି ନୀତି

ଆସନ୍ତାକାଲି ବୁଧବାର ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ଶ୍ରୀ ବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ସେଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ୬ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଭକ୍ତ ମାନେ ପୁଣି ଶ୍ରୀବିଗ୍ରହ ମାନଙ୍କ ଦର୍ଶନ କରିପାରିବେ ।

*Desk*

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ଚନ୍ଦୁଆରେ ସର୍ବାଧିକ ୯୬ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲ୍ଲାର ଅଳ୍ପକେତେକ ସ୍ଥାନରେ

ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।